ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରେକର୍ଡ ଖରିଫ ଧାନ ସଂଗ୍ରହ

## ଆଜି ସୁଦ୍ଧା ୫୧ ଲକ୍ଷ ୯୨ ହଜାର ୯୩୩ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ

## ଗତବର୍ଷ ଆଜି ତାରିଖ ତୁଳନାରେ ୩ ପ୍ରତି ଶତ ଅଧିକ

ଭୁବନେଶ୍ୱର, ୧୯ ମାର୍ଚ୍ଚ, ୨୦୨୦

ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ଖରିଫ ନିମନ୍ତେ ୫୦ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆଜି ସୁଦ୍ଧା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ରେକର୍ଡ ୫୧ ଲକ୍ଷ ୯୨ ହଜାର ୯୩୩ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ଗତବର୍ଷ ଆଜି ତାରିଖରେ ମୋଟ ୫୦ ଲକ୍ଷ ୪୪ ହଜାର ୩୭୫ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ଧାନ ସଂଗ୍ରହ କାର୍ଯ୍ୟ ଚଳିତ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ।

ସମସ୍ତ ୩୦ଟି ଜିଲ୍ଲାରେ ୩୫୪୪ଟି ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀମାନଙ୍କଠାରୁ ପି-ପାସ ଓ ଆଗୁଆ ଟୋକେନ୍ ପ୍ରଦାନ ମାଧ୍ୟମରେ ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି । ଏ ପର୍ଯ୍ୟନ୍ତ ୩୦ଟି ଜିଲ୍ଲାର ମୋଟ ୯ ଲକ୍ଷ ୩୨ ହଜାର ୯୯୦ ଜଣ ଚାଷୀ ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ୫୧ ଲକ୍ଷ ୯୨ ହଜାର ୯୩୩ ମେଟ୍ରିକ୍ ଟନ୍ ଧାନ ବିକ୍ରି କରି ସାରିଛନ୍ତି । ଗତ ବର୍ଷ ଆଜିର ତାରିଖରେ ୮ ଲକ୍ଷ ୪୮ହଜାର ୯୫୮ ଜଣ ଚାଷୀ ଧାନ ବିକ୍ରି କରିଥିବାବେଳେ ଚଳିତ ବର୍ଷ ଅଧିକ ୮୪ ହଜାର ୩୨ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି । ଧାନ ସଂଗ୍ରହ ଅର୍ଥ ବାବଦକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଜି ସୁଦ୍ଧା ପ୍ରାୟ ୯୨୩୯ କୋଟି ୬୭ ଲକ୍ଷ ଟଙ୍କା ହସ୍ତାନ୍ତର କରାଯାଇଛି ।

ଅଦ୍ୟାବଧି ଧାନସଂଗ୍ରହ ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରେ ବରଗଡ଼ରେ ୬ ଲକ୍ଷ ୩୯ ହଜାର ୧୬୩ ଟନ୍, ବାଲେଶ୍ୱରରେ ୧ ଲକ୍ଷ ୮୬ ହଜାର ୨୧୪ ଟନ୍, ଭଦ୍ରକରେ ୨ ଲକ୍ଷ ୪ ହଜାର ୫୨ ଟନ୍, ବଲାଙ୍ଗୀର ୩ ଲକ୍ଷ ୧୨ ହଜାର ୬୬୧ ଟନ୍, ବୌଦ୍ଧ ୧ ଲକ୍ଷ ୪୧ ହଜାର ୨୪୭ ଟନ୍, କଟକ ୧ ଲକ୍ଷ ୩୨ ହଜାର ୬୦ ଟନ୍, ଢେଙ୍କାନାଳ ୧ ଲକ୍ଷ ୨୦ ହଜାର ୮୪୮ ଟନ୍ , ଗଞ୍ଜାମ ୩ ଲକ୍ଷ ୫୮ ହଜାର ୯୩ ଟନ୍, ଜଗତସିଂହପୁର ୧ ଲକ୍ଷ ୧୫ ହଜାର ୧୮ ଟନ୍, ଯାଜପୁର ୧ ଲକ୍ଷ ୯ ହଜାର ୯୧୩ ଟନ୍, କଳାହାଣ୍ଡି ୪ ଲକ୍ଷ ୪୨ ହଜାର ୬୪୧ ଟନ୍, କେନ୍ଦୁଝର ୧ ଲକ୍ଷ ୧୭ ହଜାର ୭୬୨ ଟନ୍, ଖୋର୍ଦ୍ଧା ୧ ଲକ୍ଷ ୨୬ ହଜାର ୯୭୧ ଟନ୍, କୋରାପୁଟ ୨ ଲକ୍ଷ ୯୬୨ ଟନ୍, ମାଲକାନଗିରି ୧ ଲକ୍ଷ ୯ ହଜାର ୧୨୮ ଟନ୍, ମୟୁରଭଞ୍ଜ ୧ ଲକ୍ଷ ୨୫ ହଜାର ୧୮୦ ଟନ୍, ନବରଙ୍ଗପୁର ୧ ଲକ୍ଷ ୫୨ ହଜାର ୪୪୫ ଟନ୍, ନୟାଗଡ଼ ୧ ଲକ୍ଷ ୧୫ ହଜାର ୭୮୯ ଟନ୍, ନୂଆପଡ଼ା ୧ ଲକ୍ଷ ୨୫ ହଜାର ୩୩ ଟନ୍, ରାୟଗଡ଼ା ୧ ଲକ୍ଷ ୧୭ ହଜାର ୫୫୧ ଟନ୍, ସମ୍ବଲପୁର ୨ ଲକ୍ଷ ୯୭ ହଜାର ୮୮୫ ଟନ୍, ସୁବର୍ଣ୍ଣପୁର ୩ ଲକ୍ଷ ୨୮ ହଜାର ୯୧୬ ଟନ୍, ସୁନ୍ଦରଗଡ଼ ଜିଲ୍ଲାରୁ ୧ ଲକ୍ଷ ୭୭ ହଜାର ୭୯୬ ମେଟ୍ରିକ୍ ଟନ୍, ଅନୁଗୋଳ ୭୭ ହଜାର ୫୯୮ ଟନ୍, ଦେବଗଡ଼ ୪୮ ହଜାର ୪୫୭ ଟନ୍, ଗଜପତି ୫୦ ହଜାର ୬୦୪ ଟନ୍, ଝାରସୁଗୁଡ଼ା ୭୯ ହଜାର ୫୯୭ ଟନ୍, କନ୍ଧମାଳ ୯ ହଜାର ୮୫୬ ଟନ୍, କେନ୍ଦ୍ରାପଡ଼ା ୭୮ ହଜାର ୫୩୫ ଟନ୍ ଏବଂ ପୁରୀ ୯୦ ହଜାର ୮୬୦ ଟନ୍ ଧାନ ସଂଗ୍ରହ କରାଯାଇଛି ।

ତାପସ କୁମାର ସାହା
ସୂଚନା ଅଧିକାରୀ